# ନ୍ୟାସନାଲ କଲେଜରେ 'ନୂଆ-ଓ' କାର୍ଯ୍ୟକ୍ରମ



**ନୂଆପଡ଼ା, ୧।୧(ସମିସ):** ଛାତ୍ର ସମାଜ ଡିଜିଟାଲ ଦୁନିଆଁରେ ଭ୍ରମିତ ହେବାରେ ଲାଗିଛନ୍ତି। କ୍ରୀଡା ତଥା ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମରୁ ଦୂରେଇ ରହୁଛନ୍ତି। ଏମାନଙ୍କୁ ସମାଜର ମୁଖ୍ୟସ୍ରୋତକୁ ଆଣି ଏକ ସାମାଜିକ ବିପ୍ଳବ ଆଣିବା ଦିଗରେ ବର୍ତମାନ ରାଜ୍ୟ ସରକାରଙ୍କ 'ନୂଆ-ଓ' ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ନ୍ୟାସନାଲ କଲେଜରେ ଦୀର୍ଘ ମାସେ ଧରି ଅନୁଷ୍ଠିତ ହୋଇଯାଇଛି।

କଲେଜ ଅଧକ୍ଷ ହିତେଶ ସାହୁ ସଭାପତିତ୍ୱ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ଭୀମସେନ ଶବର ମୁଖ୍ୟଅତିଥି, ସମ୍ବଲପୁର ଆରଡିଇ ପ୍ରଭାବତୀ ଗୁରୁ, ବିଧାୟକଙ୍କ ପ୍ରତିନିଧି ଜୟ ଡୋଲକିଆ, ନବୀନ ଓଡ଼ିଶା ଜିଲ୍ଲା ସଂଯୋଜକ ରାମଲାଲ ହଂସ ପ୍ରମୁଖ ସମ୍ମାନିତ ଅତିଥିଭାବ ଯୋଗ ଦେଇଥିଲେ। ଗତମାସ ୨୫ତାରିଖଠାରୁ ଚାଲିଥିବା ଏହି କାର୍ଯ୍ୟକ୍ରମରେ ବିଶେଷ କରି ତିନୋଟି ବିଭାଗରେ ଯଥା ସାଂସ୍କୃତିକ, ଖେଳକୁଦ ଏବଂ ସାମାଜିକ ସୁରକ୍ଷା କାର୍ଯ୍ୟକ୍ରମ ହୋଇଥିଲା। ବିଭିନ୍ନ ପ୍ରତିଯୋଗିତାରେ କଲେଜର ଦୁଇ ହଜାର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ବରିଷ୍ଠ ଅଧାପକ ନୃସିଂହ ଚରଣ ସାହୁ, ଦୁର୍ଲଭ ଚରଣ ବେହେରା, ବୈଦ୍ୟନାଥ ଗଡ଼ତିଆ, ନନ୍ଦିନୀ ମଞ୍ଜରୀ ହୋତା, ମମତା ପଟ୍ଟନାୟକ, ଡ.ପ୍ରଣତି ପଣ୍ଡା, କପିଳଦେବ ପାଣିଗ୍ରାହୀ, ଡ. ମୀନାକ୍ଷୀ ଦାସ, ଅବିନାସ ଚଲାନ, ଗୋପିଗୋପାଳ ସୁନା, ଶିବ ସା, ସୀମା ବରିହା, ନମ୍ରତା ତିପାଠୀ, ସୋନାଲ ଚନ୍ଦ୍ରକାର, ରଶ୍ମି ମାଝୀ, ଯଶେବନ୍ତ ଭୋଇ, ଶୁକଦେବ ଭିଲ, କୋମଳ ଚନ୍ଦ୍ରକାରଙ୍କ ସମେତ ସମସ୍ତ ଅଧାପକ, ଅଧାପିକା, କର୍ମଚାରୀ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ନୋଡାଲ ଅଧିକାରୀ ପ୍ରକାଶ ସାହୁ, ଡ.ପ୍ରମୋଦ ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସଚିନ ବାବୁ ପରିଚାଳନା କରିଥିଲେ। କଲେଜର ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। କାର୍ଯ୍ୟକ୍ରମରେ କଲେଜର ଛାତ୍ରଛାତ୍ରୀଙ୍କ ସମେତ ସମସ୍ତ କର୍ମଚାରୀ, ଅତିଥି ନାଚି ଝୁମିଥିଲେ।